**ଓଡିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
****

**ଅଧିସୂଚନା**

No RDM-LAA-MBJ-0019-2023- 4765 / R&DM, Dated 22 FEB 2024

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରଘୁନାଥପୁର ଡିଷ୍ଟ୍ରିବ୍ୟୁଟାରୀ ଓ ବାଲିଟିଟିରି ସବ୍-ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- **ଜୟପୁରିଆ**, ଥାନା- ବୈଶିଙ୍ଗା ନଂ. ୧୪୭, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ ନିମ୍ନ ତଫସିଲ ମତେ ପ୍ରାୟ **ଏ. ୦.୭୭** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

**୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ-** ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରଘୁନାଥପୁର ଡିଷ୍ଟ୍ରିବ୍ୟୁଟାରୀ ଓ ବାଲିଟିଟିରି ସବ୍-ମାଇନର ନିର୍ମାଣ ନିମନ୍ତେ ।

**୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-** ଅଧିକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।

**୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-** ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରି କରିବା।

**୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।

**୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-** ଉପ ଜିଲ୍ଲାପାଳ, ବାରିପଦା ।

୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | ଜୟପୁରିଆ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୩.୦୭ | ଏ. ୦.୭୭ | ଏଥି ସହିତ ସଂଲଗ୍ନ |

**ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ୦.୩୬ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।**

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ , ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ,ଦେଉଳି ସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି **ମୟୂରଭଞ୍ଜ** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ

୨୨/୨/୨୦୨୪

(ନୃସିଂହ ଚରଣ ସ୍ୱାଇଁ)
ସ୍ୱତନ୍ତ୍ର ଶାସନ ସଚିବ

**Memo No.** 4966 **/ R&DM dtd** 22 FEB 2024

Copy along with the land schedule forwarded to the Director, Printing Stationery and Publication, Odisha, Cuttack with a request to publish the Notification along with the land schedule in the next issue of E.O.G i.e. within 15 days without fail and supply 5 copies of them to Mayurbhanj dm-mayurbhanj@nic.in , / Water Resources Department /R & DM Department la-rev.od@nic.in / Spl Land Acquisition Officer, Subarnarekha Irrigation Project , Baripada, Mayurbhanj spl.laosip@gmail.com / Secretary to R.D.C (C.D), Cuttack.

22.02.2024

Deputy Secretary to Government

**Memo No.** 4967 **/ R&DM dtd** 22 FEB 2024

Copy along with the land schedule forwarded to I&PR Department with a request to take necessary steps for publication of the Notification along with the land schedule in two local dailies within 15 days without fail of which at least one shall be in the regional language and two copies of the said publication may please be furnished to Spl Land Acquisition Officer, Subarnarekha Irrigation Project, Baripada, Mayurbhanj spl.laosip@gmail.com immediately.

22.02.2024

Deputy Secretary to Government

**Memo No.** 4968 **/ R&DM dtd.** 22 FEB 2024

Copy forwarded to Collector, Mayurbhanj / Spl Land Acquisition Officer, Subarnarekha Irrigation Project, Baripada, Mayurbhanj for information and necessary action.

1. He should not take possession of the land under any circumstances before making payment of compensation to the land losers.
2. The substance of the Notification may be published in the locality immediately. Copies of such publication and the date of such publication may be intimated to this Department forthwith for further course of action.
3. Publication in EOG/ News Paper may be watched and reported to this Department with details of such publication.

Sd/- 22.02.2024

Deputy Secretary to Government

**Memo No.** 4969 **/ R&DM dtd.** 22 FEB 2024

Copy forwarded to the Water Resources Department/ R.D.C (C.D) Cuttack/Superintending Engineer, Baisinga Canal Division, Laxmiposi, Mayurbhanj for information and necessary action.

Sd/- 22.02.2024

Deputy Secretary to Government

**Memo No.** 4970 **/ R&DM dtd.** 22 FEB 2024

Copy forwarded to the E- Governance Branch with a request to upload the Notification in the website.

Sd/- 22.02.2024

Deputy Secretary to Government

## ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା- ୨୮/୨୦୨୨
ଏ.୦.୭୭ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ରଘୁନାଥପୁର ଡିଷ୍ଟ୍ରିବ୍ୟୁଟାରୀ, ବାଲିଚିଟିରି ସବ୍-ମାଇନର ନିମନ୍ତେ
ମୌଜା-ଜୟପୁରିଆ, ଥାନା-ବୈଶିଙ୍ଗା, ନଂ-୧୪୬, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ

| ଖାତା ନଂ ଓ ସତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୬ | ୩୩୨ | ୦.୨୮ | ୦.୦୪ | ପତିତ | ଶ୍ରୀ ଚୈତନ୍ୟ ନିତ୍ୟାନନ୍ଦ ମହାପ୍ରଭୁ ବିଜେ କାଛି ମଠ ମାର୍ଫତ ଟ୍ରଷ୍ଟିବୋଡ ଉପଜିଲ୍ଲାପାଳ ବାରିପଦା |
| | ୪୩୨ | ୦.୨୬ | ୦.୦୧ | ଶାରଦ ଅଣ ଜଳସେଚିତ ଦୁଇ | |
| | ୪୩୩ | ୦.୫୩ | ୦.୧୧ | ପତିତ | |
| ୨୪ | ୪୨୬ | ୧.୦୦ | ୦.୧୩ | ପତିତ | କୃପା ବାସ୍କେ ପି:ଚାନେ ବାସ୍କେ ଜା: ସାନ୍ତାଳ ବା: ନିଜଗାଁ |
| ୧୧୫ | ୩୩୩ | ୧.୦୦ | ୦.୧୨ | ପତିତ | ରୁହ୍ୟା ମାଝୀ ପି:ସୁନ୍ଦର ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| ସମପରିମାଣ ଗୋଚର ପ୍ରତିବଦଳ | | | | | |
| ୨୪ | ୪୨୬ | | ୦.୧୮ | ପତିତ | କୃପା ବାସ୍କେ ପି:ଚାନେ ବାସ୍କେ ଜା: ସାନ୍ତାଳ ବା: ନିଜଗାଁ |
| ୧୧୫ | ୩୩୩ | | ୦.୧୮ | ପତିତ | ରୁହ୍ୟା ମାଝୀ ପି:ସୁନ୍ଦର ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| ମୋଟ | ୭ ପ୍ଲଟକୁ | ଏ. ୩.୦୭ ଡେ.ମି. | ଏ.୦.୭୭ ଡେ.ମି. | | |

AMIN
Deuli Zone

Revenue Inspector
Deuli Zone

24.7.23
Zone Officer-cum-L.A. Collector
S.I.P., Deuli Zone

Spl Land Acquisition Officer
S.I.P. BARIPADA